## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ବୁଗୁଡ଼ା,୨୩ା୩(ଡି.ଏନ.ଏ.): ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ସୋମନାଥ ନଗରରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଶାନ୍ତନୁ ମହାନ୍ତି(୨୪)। ଶାନ୍ତନୁ ପରିବାର ସହ ରହୁଥିବା ବେଳେ ତାଙ୍କ ଶୟନ କକ୍ଷରେ ବେକରେ ଚାଦର ଲଗାଇ ଝୁଲି ପଡ଼ିଥିଲେ। ସକାଳେ ଶାନ୍ତନୁଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖି ପରିବାର ଲୋକେ ପୋଲିସରେ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ବୁଗୁଡ଼ା ଥାନାରେ ନଂ. ୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଯୁବକଙ୍କ ଆତ୍ମହତ୍ୟା

ଆସିକା,୨୩ା୩(ଡି.ଏନ.ଏ.): ଆସିକା ସହର ଉପକଣ୍ଠ ମୁକୁନ୍ଦପୁର ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ପୋଲିସ ଜିଲା ଅଧୀନ କେ. ନୂଆଗାଁ ଥାନା ଅନ୍ତର୍ଗତ ନୂଆଗାଁର ପ୍ରଫୁଲ୍ଲ ଚନ୍ଦ୍ର ନାହାକ (୩୦)। ପ୍ରଫୁଲ୍ଲ ଏକ ନିର୍ଜନ ସ୍ଥାନରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଚଢ଼ିଯାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତଦେହକୁ ପୋଲିସ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଆସିକା ଥାନାରେ ନଂ.୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତେବେ କେଉଁ ପରିସ୍ଥିତିରେ ପ୍ରଫୁଲ୍ଲ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ।

### ୪.୪ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୨୩ା୩: ଫିରିଙ୍ଗିଆ ଥାନା ପୋଲିସ ନୂଆଁପଦର ପଞ୍ଚାୟତ ପାଙ୍ଗାମାହା ଗାଁ ନିକଟ ରାସ୍ତାକଡରେ ଚଢ଼ାଉ କରି ୪ କୁଇଣ୍ଟାଲ ୪ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକ ହେଲେ ପାଙ୍ଗାମାହାର ସନ୍ତୋଷ କହଁର। ଏହି ଗ୍ରାମରୁ ଜିଲା ବାହାରକୁ ଗଞ୍ଜେଇ ଚାଲାଣ ହେବା ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ପାଇଁ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ଏକ ଟିମ୍ ଗଢ଼ି ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଏ ନେଇ ନଂ. ୪୨/୨୨ରେ ମାମଲା ରୁଜୁ ହୋଇଛି।

### ହୃଦ୍‌ଘାତରେ ବ୍ଲକ ବିଜେଡି ସଭାପତିଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ,୨୩ା୩(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ବ୍ଲକ ବିଜେଡି ସଭାପତି ମୋହନ ପ୍ରଧାନ(୮୫)ଙ୍କ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟାରେ ହୃଦଘାତରେ ମୃତ୍ୟୁ ଘଟିଛି। ବୁଧବାର ବ୍ଲକ ଉପାଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଥିବାରୁ ମଙ୍ଗଳବାର ରାତି ପ୍ରାୟ ୮ଟାରେ ସ୍ଥାନୀୟ ଡାକ ବଙ୍ଗଳାରେ ଏକ



ବୈଠକ ଚାଲିଥିଲା। ଉକ୍ତ ବୈଠକରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ଲକ ବିଜେଡି ସଭାପତି ପ୍ରଧାନ, ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ସମେତ ବ୍ଲକର ନବନିର୍ବାଚିତ ଜନପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବୈଠକ ପରେ ପ୍ରଧାନଙ୍କ ଛାତିଯନ୍ତ୍ରଣା ହେଉଥିବା କହିବାରୁ ତାଙ୍କୁ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭଞ୍ଜନଗର ମେଡିକାଲକୁ ପଠାଯାଇଥିଲା। ସେଠାରେ ହୃଦଘାତଜନିତ କାରଣରୁ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ନିଜ ଗାଁ ମଲିଙ୍ଗିକୁ ମରଶରୀରକୁ ଅଣାଯାଇ ପ୍ରଧାନଙ୍କ ଶେଷକୃତ୍ୟ କରାଯାଇଥିଲା।

### ମଥୁରାରେ ନୂତନ ଏଟିଏମ୍ ଲୋକାର୍ପିତ

ପୋଲସରା,୨୩ା୩(ଡି.ଏନ.ଏ.): ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମରେ ନୂତନ ଏଟିଏମ୍ ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସବିଆଇ ଏଟିମକୁ ଲୋକାର୍ପିତ କରିଛନ୍ତି। ମଥୁରା ଏସ୍‌ବିଆଇ ଶାଖା ପରିଚାଳକ ଜ୍ଞାନ ରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବିକ୍ରମ କୁମାର ନାୟକ, ପୂର୍ବତନ ସରପଞ୍ଚ ସୁନୀତା ବେହେରା, ସମିତି ସଭ୍ୟ ମିନତୀ ପାତ୍ର, ନାଏବ ସରପଞ୍ଚ ସଦାଶିବ ସାମନ୍ତରା, ଆଇନଜୀବୀ ପ୍ରଦୀପ କୁମାର ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ପୂର୍ବ ନାମାଙ୍କନ ବଳବତ୍ତର

## ୨ରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ

ଛତ୍ରପୁର,୨୩ା୩(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଏପ୍ରିଲ ୨ ତାରିଖରେ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି। ଗତ ୧୨ ତାରିଖରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପାଇଁ ଭୋଟ ଗ୍ରହଣ ବେଳେ ୫ଜଣ ସମିତିସଭ୍ୟଙ୍କୁ କରୋନା ହୋଇଥିବା ଦର୍ଶାଇ ୧୫ ଦିନ ପାଇଁ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ତେବେ ଆଉ ଅଧ୍ୟକ୍ଷ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହେବନି, କେବଳ ଭୋଟ ଗ୍ରହଣ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡିଛି।

ସୂଚନାଯୋଗ୍ୟ, ଛତ୍ରପୁର ବ୍ଲକରେ ୧୮ ଜଣ ସମିତି ସଭ୍ୟାସଭ୍ୟ। ଅଗସ୍ତି ନୂଆଗାଁର ସମିତିସଭ୍ୟା କିରଣ କୁମାରୀ ଦାସ ଓ ସୁନ୍ଦରପୁର ସମିତିସଭ୍ୟା ସୁଜ୍ଞାନୀ ସେଠୀ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ଗତ ୧୨ ତାରିଖରେ ନାମାଙ୍କନ ଦାଖଲ କରିଥିଲେ। ଏହି ଦୁଇ ଜଣଙ୍କ ନାମାଙ୍କନପତ୍ର କାଏମ ରହିଛି। ତେଣୁ ଉଭୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଆସନ୍ତା ୨୫ ତାରିଖରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ, ସମସ୍ତ ସମିତିସଭ୍ୟଙ୍କୁ ନୋଟିସ ଜାରି ହେବ। ଏପ୍ରିଲ ୨ ତାରିଖରେ ଭୋଟ ଗ୍ରହଣ ହେବ। ସେହିଦିନ ଭୋଟ ଗଣତି ଏବଂ ପରେ ଫଳାଫଳ ଘୋଷଣା ହେବ। ସୂଚନାଯୋଗ୍ୟ, ୫ ସମିତିସଭ୍ୟଙ୍କୁ କରୋନା ହୋଇଥିବା ଦର୍ଶାଇ ବ୍ଲକ ଅଧ୍ୟକ୍ଷ ନିର୍ବାଚନକୁ ବାତିଲ କରାଯାଇଥିଲା। ଏହାର ପ୍ରତିବାଦ କରି ବ୍ଲକର ୧୨ ଜଣ ସମିତିସଭ୍ୟ ଓ ତାଙ୍କ ବିଜେଡି ଏବଂ ସିପିଆଇ ସମର୍ଥକମାନେ ଜିଲାପାଳଙ୍କ ବଙ୍ଗଳା ଆଗରେ ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ଥିବା ୬ ସମିତିସଭ୍ୟ ମଧ୍ୟ ବିଜେଡି ସମର୍ଥିତ। ବିଜେଡି ସମର୍ଥିତ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁ ଏପରି ଅଚଳାବସ୍ଥା ହୋଇଥିଲା। ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପରେ ଉପାଧ୍ୟକ୍ଷ ନିର୍ବାଚନ ଏପ୍ରିଲ ୧୩ ତାରିଖରେ ହେବ। ଏଥିପାଇଁ ସେହିଦିନ ନାମାଙ୍କନ, ଭୋଟ, ଗଣତି ଓ ପରେ ଫଳାଫଳ ଘୋଷଣା ହେବ ବୋଲି ରାଜ୍ୟ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି।

## ମା’ ଗଜଲକ୍ଷ୍ମୀ କ୍ରିକେଟ, କତକଲା ଚାମ୍ପିୟନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବୁଗୁଡ଼ା,୨୩ା୩(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଭାମାଶିଆଳି ଗ୍ରାମର ମା’ ଗଜଲକ୍ଷ୍ମୀ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଭାମାଶିଆଳି ବି ଟିମକୁ ହରାଇ କତକଲା ଦଳ ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନୀଲ କୁମାର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ପ୍ରଫୁଲ୍ଲ ଗୌଡ଼ ଓ ସମ୍ମାନୀତ ଅତିଥି ଭାବେ ରବୀନ୍ଦ୍ର ନାଥ ବେହେରା, ଅଜୟ ପ୍ରଧାନ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଅମ୍ପାୟାର ଭାବେ ଘନଶ୍ୟାମ ଗୌଡ଼, ବୁଲୁ ଗୁରୁ ଓ ସ୍କୋରର ଭାବେ ସୁଜିତ, ଗଙ୍ଗାଧର ପଣ୍ଡା ଦାୟିତ୍ୱ ତୁଲାଇ ଥିବା ବେଳେ ସୁରେନ୍ଦ୍ର ନାଥ ଦଳେଇ, ଶ୍ରୀକାନ୍ତ ସାମଲ, ନିତ୍ୟାନନ୍ଦ ଗୌଡ଼, ସଞ୍ଜୀବ ନାହାକ, ଶୁଭମ ଦଳେଇ, ସୂର୍ଯ୍ୟ ସାହୁ, ଭୋଳା ଶଙ୍କର ନାହାକ, ସଂଗ୍ରାମ ଦାଶ, ଚିରଞ୍ଜିବି ବଇ ପ୍ରମୁଖ ପରିଚାଳନା କରିଥିଲେ।

## ହତ୍ୟା ଉଦ୍ୟମ ମାମଲା, ୨ ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୩ା୩(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ହତ୍ୟା ଉଦ୍ୟାମ ମାମଲାରେ କୋଟିନଡ଼ା ଗାଁର ମନୋଜ କୁମାର ସ୍ୱାଇଁ ଏବଂ ବିଶ୍ୱ ବିଷୋୟୀଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ମାମଲା ନଂ.୧୨୭/୨୨ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ପୋଲିସ ସୂଚନା ପ୍ରକାରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ଗାଁର ରୁନା ସ୍ୱାଇଁଙ୍କ ଘରକୁ ଯାଇ ଅଭିଯୁକ୍ତ ମନୋଜ ଗାଳି ଗୁଲଜ କରିଥିଲେ। ରୁନା ଘରେ ନଥିଲେ। ତାଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କୁ ସେ ଅସଦାଚରଣ କରିଥିଲେ। ଖବର ପାଇ ରୁନା ଦୌଡି ଆସିବାରୁ ତାଙ୍କ ମୁଣ୍ଡକୁ ଖଣ୍ଡାରେ ସେ ହାଣି ଦେଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଆସିଥିବା ସୁରେନ୍ଦ୍ର ବିଷୋୟୀଙ୍କୁ ଅନ୍ୟତମ ଅଭିଯୁକ୍ତ ବିଶ୍ୱ ଏକ କାଠ ଫାଳିଆରେ ନିସ୍ତୁକ ମାଡ଼ ମାରିଥିବା ନେଇ ରୁନାଙ୍କ ସ୍ତ୍ରୀ ମଞ୍ଜୁଳା ସ୍ୱାଇଁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତ ଦ୍ୱୟଙ୍କ ନାଁରେ ମକଦ୍ଦମା ରୁଜୁ କରାଯାଇଥିଲା ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ବଳଭଦ୍ର ଗଣ୍ଡ କହିଛନ୍ତି।

## ୪ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୨୩ା୩

ଏକ ଗଣ୍ଡଗୋଳ ମାମଲାରେ ଫେରାର ଥିବା ଗୋଟିଏ ଗୋଷ୍ଠୀର ୪ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଲାଠି ପାଢ଼ୀ ସାହିରେ ରହୁଥିବା କାଳିଆ ମହାରଣା (୨୧), ଲୋଚାପଡ଼ାର ରାଜୁ ଓରଫ ରାଜେଶ ସାହୁ (୨୮), ବଡବଜାର ଥାନା ଅନ୍ତର୍ଗତ ଗାଇଗୋଠ ସାହିର ସନ୍ତୋଷ ସାହୁ (୨୭) ଓ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ସାହିର ଚନ୍ଦନ କୁମାର ବେହେରା (୨୨)। ମାମଲା ନମ୍ବର ୧୨୪/୨୨ରେ ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ଲାଠି ଧୋବା ସାହିର ସାଗର ସେଠୀ ଓ ବଡବଜାର ଥାନା ଅନ୍ତର୍ଗତ ନୃସିଂହ ମନ୍ଦିର ସାହିର ସ୍ୱାଧୀନ ମହାପାତ୍ରଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପ୍ରକାଶ ଯେ, ଗତ ୧୯ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସାଗର ବ୍ରହ୍ମପୁରର କେତେକ ଯୁବକଙ୍କୁ ନେଇ ଲାଠି ଗ୍ରାମର ବାଉରୀ ସାହିରେ ଖଣ୍ଡା ଧରି ଆତଙ୍କ ଖେଳାଇଥିଲେ। ଏପରି କି ଜଣେ ଯୁବକଙ୍କୁ ଆକ୍ରମଣ କରିବା ସହ ଉକ୍ତ ସାହିର କେତେକ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ। ଖବର ପାଇ ଉକ୍ତ ସାହିର କେତେକ ଯୁବକ ସଂଘବଦ୍ଧ ଭାବେ ପ୍ରତି ଆକ୍ରମଣ କରିଥିଲେ। ଫଳରେ ସାଗର ଓ ତାଙ୍କ ଗ୍ୟାଙ୍ଗ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗାଁରେ ପହଞ୍ଚି ଉତ୍ତେଜନାକୁ ପ୍ରତିହତ କରିଥିଲା। ସାଗରଙ୍କ ଅଭିଯୋଗ କ୍ରମେ ପୋଲିସ ବୁଦ୍ଧୁ ଦାସ ଓ ତାଙ୍କ ସହଯୋଗୀଙ୍କୁ ପୂର୍ବରୁ ମାମଲା ନମ୍ବର ୧୨୫/୨୨ ରେ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛି।

## ଫେରାର ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ବ୍ରହ୍ମପୁର ଅଫିସ,୨୩ା୩

ଏକ ଆକ୍ରମଣ ମାମଲାରେ ଫେରାର ଥିବା ଅଭିଯୁକ୍ତ ଚିତ୍ତରଞ୍ଜନ ପଣ୍ଡା ହାଇକୋର୍ଟ ନିର୍ଦ୍ଦେଶ ପ୍ରକାରେ ବ୍ରହ୍ମପର ଏସ୍‌ଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏସଡିଜେଏମ ଜିତେନ୍ଦ୍ରିୟ ପାଣିଗ୍ରାହୀ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ୨୦୧୬ ସେପ୍ଟେମ୍ବର ୧ରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସାଗର ଚୌଧୁରୀ ଓ ତାଙ୍କ ଜ୍ୱାଇଁ ଚିତ୍ତରଞ୍ଜନ ପଣ୍ଡା ଲୋଚାପଡ଼ାର ରଜନୀକାନ୍ତ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ରଜନୀଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ମହାନ୍ତି ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୯/୧୬ରେ ସାଗରଙ୍କୁ କୋର୍ଟ ଚାଲାଣ କରିଥିଲା। ଅନ୍ୟପଟେ ଚିତ୍ତରଞ୍ଜନଙ୍କୁ ଫେରାର ଦର୍ଶାଇ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ଚିତ୍ତରଞ୍ଜନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଘଟଣାର ୫ ବର୍ଷ ପରେ ଫେରାର ଥିବା ଚିତ୍ତରଞ୍ଜନଙ୍କୁ ଶେଷରେ ହାଇକୋର୍ଟରୁ ଜାମିନ ମିଳିଛି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କରୁଣାକର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ଛେଲିଗଡ଼ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଆର.ଉଦୟଗିରି,୨୨ା୩(ଡି.ଏନ୍.ଏ.)

ଛେଲିଗଡ଼ ଶିବ ମନ୍ଦିର ପଡ଼ିଆରେ ମା’ ମାଣିକେଶ୍ୱରୀକ୍ରିକେଟଟୁର୍ନାମେଣ୍ଟଉଦ୍‌ଘାଟିତ ହୋଇଯାଇଛି। ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗଡର ଦଳ ବିଜୟୀ ହୋଇଛି।

## ଦ୍ରୁତ ଗତିରେ ଚାଲିଛି ମୋହନା ସ୍ମାର୍ଟ ଶ୍ରେଣୀଗୃହ କାର୍ଯ୍ୟ

ଆର.ଉଦୟଗିରି,୨୩ା୩(ଡି.ଏନ.ଏ.)

ମୋହନା ବ୍ଲକରେ ଦ୍ୱିତୀୟ ଥରରେ ଆସିଥିବା ୧୭ ସ୍ମାର୍ଟ ଶ୍ରେଣୀ ଗୃହ ମଧ୍ୟରୁ ଗ୍ରାମର ବିମଳା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀ ଗୃହ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏହି ଦୁଇଟି ବିଦ୍ୟାଳୟରେ ସ୍ଥାନୀୟ ବ୍ଲକର କନିଷ୍ଠ ଯନ୍ତ୍ରୀ ଇଂ. ସଂଗ୍ରାମ ବେହେରା ଦିବାରାତ୍ର ରହି ନିଜେ ମିସ୍ତ୍ରିଙ୍କୁ ଧରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକୁ ବିଡିଓ ତପସ୍ୱିନୀ ହାଁସଦା ଏବଂ ସହକାରୀ ଯନ୍ତ୍ରୀ ଇଂ. ଜଗବନ୍ଧୁ ଆଚାର୍ଯ୍ୟଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ଆଶିଷ କୁମାର ଶତପଥୀ ପ୍ରମୁଖ ତଦାରଖ କରୁଛନ୍ତି। ଏହି ସ୍ମାର୍ଟ ଶ୍ରେଣୀ ଗୃହରେ ନିର୍ମାଣ କାର୍ଯ୍ୟ ବାବଦକୁ ସରକାର ୩୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ଏହି ଅର୍ଥ ଯଥେଷ୍ଟ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିସହ ମୋହନା ବ୍ଲକ ନିକଟରେ ଥିବା ଉଚ୍ଚ ବିଦ୍ୟାଳୟ ସରକାର ସ୍ମାର୍ଟ ଶ୍ରେଣୀ ଗୃହ ନିମନ୍ତେ ଘୋଷଣା କରିଥିବା ବେଳେ ବିଦ୍ୟାଳୟରେ ସମସ୍ତ କାର୍ଯ୍ୟ ଶେଷ ଅବସ୍ଥାରେ ପହଞ୍ଚି ଥିବା ବେଳେ ସ୍ମାର୍ଟ ଶ୍ରେଣୀ ଗୃହ ନାମକୁ ମାତ୍ର ବୋଲି ଚର୍ଚ୍ଚା ହେଉଛି। କାରଣ ଉକ୍ତ ବିଦ୍ୟାଳୟଟି ଖୋଲାରେ ପଡିରହିଛି। କିନ୍ତୁ ଦୀର୍ଘ ବର୍ଷ ହେଲାଣି ବିଦ୍ୟାଳୟ କାର୍ଯ୍ୟ ଶେଷ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟର ପାଚେରି ନିର୍ମାଣ କରାଯାଇନାହିଁ। ତେଣୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ବିଦ୍ୟାଳୟର ପାଚେରି ନିର୍ମାଣ କରିବାକୁ ସାଧାରଣରେ ଦାବି ହେବା ସହ ଶୃଙ୍ଖଳାର ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପଢାଇବାରେ ବ୍ୟାଘାତ ସୃଷ୍ଟି ହେବ ନାହିଁ ବୋଲି ଆଲୋଚନା ହେଉଛି।



ଚାଲୁ ରହିଛି ସ୍ମାର୍ଟ କ୍ଲାସ ନିର୍ମାଣ କାର୍ଯ୍ୟ।

## ଗଞ୍ଜାମ, ଗଜପତି, କନ୍ଧମାଳର ବ୍ଲକ ଉପାଧ୍ୟକ୍ଷ

### ଗଞ୍ଜାମ



ମମତା ବାରିକ
ପୁରୁଷୋତ୍ତମପୁର



ସୁଧାସ୍ମିତା ପଟ୍ଟନାୟକ
ଶେରଗଡ଼



ବି ରେଣୁକାମା ରୋଝୀ
ଚିକିଟି



ସୁନୀଲ ଗନ୍ତାୟତ
ହିଞ୍ଜିଳିକାଟୁ



ଅନାଦୀ ଚରଣ ପଣ୍ଡିତ
ପାତ୍ରପୁର



ପ୍ରମିଳା ପ୍ରଧାନ
ବେଲଗୁଣ୍ଠା



ରାଜଲକ୍ଷ୍ମୀ ପ୍ରଧାନ
ଭଞ୍ଜନଗର



ମନୋଜ କୁମାର ସାହୁ
ଧରାକୋଟ



ରଞ୍ଜିତ କୁମାର ପାତ୍ର
ଜଗନ୍ନାଥପ୍ରସାଦ



ଭାରତୀ ମହାରଣା
ଖଲ୍ଲିକୋଟ



ମାନସ ରଞ୍ଜନ ପ୍ରଧାନ
ବୁଗୁଡ଼ା



କାହ୍ନୁ ପରିଡ଼ା
ପୋଲସରା



ଅନିତା ମହାକୁଡ
ରଙ୍ଗେଇଲୁଣ୍ଡା



ରେଶମା ଦୋରା
ଆସିକା



ସୁକାନ୍ତି ପ୍ରଧାନ
ଦିଗପହଣ୍ଡି



ବୀରେନ୍ଦ୍ର ଖଟାଇ
କବିସୂର୍ଯ୍ୟନଗର

### ଗଜପତି



ଏସ୍.କଲ୍ୟାଣୀ
କାଶୀନଗର



ବିଜୟଲକ୍ଷ୍ମୀ ପଟ୍ଟନାୟକ
ଆର୍.ଉଦୟଗିରି



ବାଲ୍ମୀନା ଅଧିକାରୀ
ମୋହନା



ଅନୁସୂୟା ଦେବୀ
ଗୋଷାଣୀ-ସବନାପୁରମ୍

### କନ୍ଧମାଳ



ସନ୍ତୋଷ ସାହୁ
ଟୁମୁଡିବନ୍ଧ



ପୁଷ୍ପାଞ୍ଜଳି ଭାଟ
କୋଟଗଡ଼



ନିକଜିନି ଦିଗାଲ
ବାଲିଗୁଡ଼ା



ସସ୍ମିତା ପ୍ରଧାନ
ଦାରିଙ୍ଗବାଡ଼ି



ରିନା ପ୍ରଧାନ
ରାଇକିଆ



ଶ୍ରୀନିବାସ ମଲ୍ଲିକ
ଫୁଲବାଣୀ



ଅଜିତ କୁମାର ସାହୁ
ଫିରିଙ୍ଗିଆ

## ଭଗବତ୍ ସିଂ ଶହୀଦ ଦିବସ

ଦିଗପହଣ୍ଡି,୨୩ା୩(ଡି.ଏନ.ଏ.)

ବୁଧବାର ସିପିଆଇ ପକ୍ଷରୁ ଭଗବତ ସିଂଙ୍କ ସହୀଦ୍ ଦିବସ ପାଳନ କରାଯାଇଥିଲା। ଦିଗପହଣ୍ଡି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ ସଂଘର ବଡଖେମୁଣ୍ଡି ଆଞ୍ଚଳିକ ସମ୍ପାଦକ ଦୈତାରୀ ରେଡ୍ଡୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡଖେମୁଣ୍ଡି ସିପିଆଇ ଶାଖା ସମ୍ପାଦକ ତପନ କୁମାର ମିଶ୍ର ସଭାପତତ୍ୱ କରିଥିଲେ। ଜିଲା ସହ-ସମ୍ପାଦକ ଅଳକନାଥ ମିଶ୍ର ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଆଲୋଚକ ଭାବେ ରାଧାଶ୍ୟାମ ପାଣିଗ୍ରାହୀ ଯୋଗଦେଇ ସ୍ୱାଧିନତା ସଂଗ୍ରାମରେ ଭଗବତ୍ ସିଂଙ୍କ କ୍ରାନ୍ତିକାରୀ ବିଚାରାଧାରା ଉପରେ ଆଲୋଚନା କରିଥିଲେ। ସୁମା ବେହେରା, ମନୋଜ କୁମାର ବିଷୋୟୀ, ଅନନ୍ତ ଦୋରା, ବିଜୟ ଗୌଡ, ମଙ୍ଗଳା ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

